# Govt. Science College, Chatrapur

| | | | |
|---|---|---|---|
| **Title of Activity** | International Coastal Clean-up Day 2025 | | |
| **Date** | Date- 20.09.2025 | **Time** | From 7.30 AM |
| **Place** | Rushikulya Muhana, Ganjam, Odisha | | |
| **Number of Participants** | Male: 42 | Female: 29 | |
| **Programme** | Government Science College, Chatrapur organise the International Coastal Clean-up Day 2025 on 20th September 2025 at Rushikulya Muhana in collaboration with the National Centre for Coastal Research (NCCR), Ministry of Earth Sciences, Government of India. | | |
| **Name of the Resource Person/ Trainer/ Guests** | Dr. Sidharth sankar Padhy<br>RDE, Berhampur, Ganjam, Odisha<br>Mrs. Sanjukta Pradhan<br>Sarapanch, Palibandha Panchayat, Ganjam, Odisha | | |
| **Discussion Points** | Ecological Importance of Rushikulya Beach:-<br>Rushikulya beach, located near Ganjam district of Odisha, is one of the most significant ecological sites in India. It is globally renowned as a major mass nesting ground for the endangered Olive Ridley sea turtles. Every year, during the nesting season, lakhs of female turtles come ashore to lay eggs, making it a unique natural phenomenon called Arribada. This beach plays a vital role in marine biodiversity conservation and supports the delicate coastal ecosystem. Besides turtles, the Rushikulya river mouth and surrounding wetlands provide habitat for migratory birds, fishes, and other marine life, contributing to ecological balance. Its preservation is crucial for sustaining biodiversity, protecting endangered species, and maintaining healthy coastal environments. | | |
| **Space for Photograph** |  | | |


GPS Map Camera
Mayurpada, Odisha, India
C33r+9p2, Mayurpada, Odisha 761027, India
Lat 19.403875° Long 85.093545°
20/09/2025 10:19 AM GMT +05:30





## ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ

# ସମୁଦ୍ରତଟ ଓ ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

■ ଗଞ୍ଜାମ, ତା୨୦।୯(ପିଏନଏସ)



ସେପ୍ଟେମ୍ବର ତୃତୀୟ ଶନିବାରକୁ ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ଓ ଜାତୀୟ ସମୁଦ୍ରତଟ ଗବେଷଣା କେନ୍ଦ୍ର (ଏନସିସିଆର) ତଥା ଭାରତ ସରକାରଙ୍କ ସହଭାଗୀତାରେ ଗଂଜାମ ଋଷିକୂଲ୍ୟା ବେଳାଭୂମିଠାରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଶାନ୍ତ ଦାସ ଏହାକୁ ଉଦଘାଟନ କରି ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ସମୁଦ୍ର ତଥା ଏହାର ବେଳାଭୂମିର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ । ସଭାରେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଅଂଶଗ୍ରହଣ କରି ସମୁଦ୍ରତଟର ସୁରକ୍ଷା ସହିତ ପ୍ରାକୃତିକ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ପାଳିବନ୍ଧ ସରପଞ୍ଚ ସଞ୍ଜୁକ୍ତା ପ୍ରଧାନ ସଫେଇ ଅଭିଯାନର ପ୍ରଶଂସା କରିବା ସହିତ ଏପରି କାର୍ଯ୍ୟକ୍ରମ ଯୁବପିଢିଙ୍କୁ ଉତ୍ସାହିତ କରିବ ବୋଲି କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଶପଥ ନିଆଯିବା ସହିତ ସମୁଦ୍ରତଟର ସୁରକ୍ଷା, ପରିବେଶ ରକ୍ଷା, ସମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷା କରିବାର ଆବଶ୍ୟକତା ବିଷୟରେ ଆଲୋଚନା କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ସକାଳ ୯ ଟାରୁ ଆରମ୍ଭ ହୋଇଥିଲା । ସଫେଇ ଅଭିଯାନରେ ଅଧ୍ୟାପକ ଅଧ୍ୟାପିକା, ଏନସିସି, ଏନଏସଏସ, ୱାଇଆରସି ଇତ୍ୟାଦିର ସମସ୍ତ ଛାତ୍ରଛାତ୍ରୀଙ୍କ ତଥା ସ୍ଥାନୀୟ ଲୋକମାନେ ବହୁସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ସମୁଦ୍ରତଟରେ ପଡ଼ିଥିବା ପ୍ଲାଷ୍ଟିକ, ବୋତଲ, ଜାଲ, ପଲିଥିନ ଏବଂ ଅନ୍ୟାନ୍ୟ ପ୍ଲାଷ୍ଟିକ ଅବଶିଷ୍ଟାଂଶକୁ ସଂଗ୍ରହ କରି ସ୍ୱଚ୍ଛତାର ବାର୍ତ୍ତା ଦିଆଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଅନ୍ତର୍ଜାତୀୟ ସମୁଦ୍ର ବେଳାଭୂମି ସଫେଇ ଦିବସ ପାଳିତ

ଗଞ୍ଜାମ, ୨୦।୯ (ଅଖିଳ ତରାଇ)

ଅନ୍ତର୍ଜାତୀୟ ଉପକୂଳ ସ୍ୱଚ୍ଛତା ଦିବସ ଅବସରରେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର ଓ ଜାତୀୟ ସମୁଦ୍ରତଟ ଗବେଷଣା କେନ୍ଦ୍ର (ଏନସିସିଆର) ଏବଂ ଭାରତ ସରକାରଙ୍କ ସହଭାଗିତାରେ ଗଞ୍ଜାମ ଋଷିକୂଲ୍ୟା ବେଳାଭୂମିଠାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସମୁଦ୍ରତଟର ସୁରକ୍ଷା, ପରିବେଶ ରକ୍ଷା, ସମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଶାନ୍ତ ଦାସ ଏହାକୁ ଶୁଭାରମ୍ଭ କରି ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ସମୁଦ୍ର ତଥା ଏହାର ବେଳାଭୂମିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥି ରୂପେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ଯୋଗଦେଇ ସମୁଦ୍ରତଟର ସୁରକ୍ଷା ସହିତ ପ୍ରାକୃତିକ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ଅନ୍ୟତମ ଅତିଥି ପାଳିବନ୍ଧ ସରପଞ୍ଚ ସଞ୍ଜୁକ୍ତା ପ୍ରଧାନ ଏଭଳି ସଫେଇ ଅଭିଯାନର ପ୍ରଶଂସା କରି ଏପରି କାର୍ଯ୍ୟକ୍ରମ ଯୁବପିଢିଙ୍କୁ ଉତ୍ସାହିତ କରିବ ବୋଲି କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱଚ୍ଛତା ଶପଥ ନେଇଥିଲେ । ସଫେଇ ଅଭିଯାନରେ କଲେଜ ଅଧ୍ୟାପକ ଅଧ୍ୟାପିକା, ଏନସିସି, ଏନ୍‌ଏସ୍‌ଏସ୍, ୱାଇଆରସି ସମସ୍ତ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଅଂଶଗ୍ରହଣ କରିଥିଲେ । ସମୁଦ୍ରତଟରେ ପଡ଼ିଥିବା ପ୍ଲାଷ୍ଟିକ, ବୋତଲ, ଜାଲ, ପଲିଥିନ୍ ଏବଂ ଅନ୍ୟାନ୍ୟ ପ୍ଲାଷ୍ଟିକ ଅବଶିଷ୍ଟାଂଶ ସଂଗ୍ରହ କରାଯାଇଥିଲା ।

**Submitted by: Coordinator**
**International Coastal Clean-up Day 2025**

**Name: Dr. Imtihan Saha**

**Signature:**

**Date:**